# ଲଗାଣ ବର୍ଷାକୁ ନେଇ ଚିନ୍ତାରେ ଚାଷୀକୁଳ



ଢେଙ୍କାନାଳ,୨୧।୧୨(ରତନ ନାୟାର): ଲଘୁଚାପ ଜନିତ ଦୁଇ ଦିନିଆ ଲଗାଣ ବର୍ଷାରେ ଢେଙ୍କାନାଳ ଜିଲାରେ ଧାନ ଅମଳକୁ ନେଇ ଚାଷୀକୂଳ ଚିନ୍ତାରେ ପଡିଛନ୍ତି। ଧାନଗୁଡିକ କଟାଯାଇ ବିଡ଼ା ବନ୍ଧାହୋଇ ବିଲରେ ପଡି ପାଣିରେ ଭାସୁଥିବା ଦେଖାଯାଇଛି । ଅନ୍ୟପଟରେ ଧାନସବୁ ଗଜା ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି । ଆସନ୍ତା ଜାନୁଆରୀ ୮ ତାରିଖରୁ ଜିଲାରେ ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଚଳିତବର୍ଷ ଚାଷୀଙ୍କ ଠାରୁ ଉନ୍ନତମାନର ଧାନ କିଣିବା ପାଇଁ ଲକ୍ଷ୍ୟ ରହିଛି । କିନ୍ତୁ ଏଭଳି ଲଗାଣ ବର୍ଷା ଜାରି ରହିଲେ ଉନ୍ନତମାନର ଧାନ କେଉଁଠୁ ଆଣିବୁ ବୋଲି ସଦର ବ୍ଲକ ଅଞ୍ଚଳର ଚାଷୀ ଧନେଶ୍ୱର ବେହେରା ଓ ମୁରଲୀଧର ବେହେରା ପ୍ରଶ୍ନ କରିଛନ୍ତି । ଜିଲାର ସଦର ବ୍ଲକର ନଢଣପୁର, ତରଭା, ନୂଆଗାଁ, ମଣ୍ଡାପାଳ ଆଦି ଗ୍ରାମଗୁଡିକରେ ଚାଷୀମାନେ ଧାନକାଟି ଅମଳ କରି ବିଲରେ ବିଡାବାନ୍ଧି ରଖିଥିବା ବେଳେ ଲଗାଣବର୍ଷା ଯୋଗୁ ଧାନବିଡା ସବୁ ପାଣିରେ ବୁଡିରହିଛି । ଏ ସଂକ୍ରାନ୍ତରେ ଜିଲା ଯୋଗାଣ ବିଭାଗ ଅଧିକାରୀ ବସନ୍ତ କୁମାର ପଣ୍ଡା କୁହନ୍ତି ଯେ, ମଣ୍ଡି ଆରମ୍ଭ ହେବାକୁ ଆଉ କିଛିଦିନ ବାକି ଅଛି । ଯେହେତୁ ସେ ସମ୍ପର୍କରେ କିଛି ନିର୍ଦ୍ଦେଶ ଆସିନାହିଁ । ଏବେଠାରୁ ଆମେ କିଛି କହିପାରିବୁ ନାହିଁ ବୋଲି ଯୋଗାଣ ବିଭାଗ ଅଧିକାରୀ କହିଥିଲେ ।

## ବହୁ ଏକର ଧାନଫସଲ ନଷ୍ଟ

### ଧାନ ବିକ୍ରି ନେଇ ମୁଣ୍ଡରେ ଚଡ଼କ

କାମାକ୍ଷାନଗର, ୨୧।୧୨ (ସୁଧୀର କୁମାର ପରିଡ଼ା)

ଢଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳରେ ଦୁଇ ଦିନ ଧରି ଲଘୁଚାପ ଜନିତ ଝିପିଝିପି ବର୍ଷା ଏବେ ଚାଷୀଙ୍କ ପାଇଁ ସାଜିଛି ଚିନ୍ତାର କାରଣ । ବର୍ଷା ପ୍ରଭାବରେ ଏକର ଏକର ଧାନ ଫସଲ ନଷ୍ଟ ହୋଇଯିବା ସମ୍ଭାବନା ଦେଖାଦେଇଛି । କାମାକ୍ଷାନଗର ବ୍ଲକର ବାଇସିଙ୍ଗା, ରେକୁଲା, ଜିରିଡାମାଳି, ମାଳପୁରା ଇତ୍ୟାଦି ଗ୍ରାମରେ ଝିପିଝିପି ବର୍ଷା ବିଶେଷ କରି ଧାନ ଚାଷୀଙ୍କ ପାଇଁ ଚିନ୍ତା ବଢ଼ାଇଛି । ଲଗାତର ବର୍ଷା ଫଳରେ ଏକର ଏକର ଧାନ ଫସଲ ଜଳମଗ୍ନ ହୋଇ ଗଜା ହେବାକୁ ଲାଗିଛି । ବର୍ଷସାରା ହାତୀ ଓ ବାରହାଙ୍କ ଉପଦ୍ର ଯୋଗୁଁ ବ୍ୟାପକ ମାତ୍ରାରେ ଫସଲ ନଷ୍ଟ ହୋଇଥାଏ । ମାତ୍ର ଜଙ୍ଗଲୀଜନ୍ତୁଙ୍କ ଉପଦ୍ରବରୁ ଫସଲକୁ ସୁରକ୍ଷା ଦେଇ ଭଲ ଧାନ ଅମଳ ଆଶାରେ ଥିବା ଚାଷୀଙ୍କ ପାଇଁ କାଳ ହୋଇଛି ଅଦିନିଆ ବର୍ଷା । ଠିକ ଧାନ ଫସଲ ଅମଳ ସମୟରେ ଲଘୁଚାପ ଜନିତ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଏବେ ବିଲରୁ ଧାନ ଅମଳ ସମୟ ଚାଲିଥିବା ବେଳେ ଚାଷୀମାନେ ଧାନ କଟାରେ ବ୍ୟସ୍ତ । ମାତ୍ର ଲଘୁଚାପ ବର୍ଷା ଯୋଗୁଁ ଅନେକ ଚାଷୀ ବିଲରୁ ଧାନ କାଟି ପାରିନଥିବା ବେଳେ ଅନେକ ଅଧା ପାଚିଲା ଧାନ ଗୁଡିକୁ ବିଲରୁ କାଟି ବର୍ଷା ଦାଉରୁ ରକ୍ଷା କରିବା ପାଇଁ ବିଲ ରେ ଜରିପାଲ ଘୋଡାଇ ରଖିଛନ୍ତି ଅନେକ ଙ୍କ ବିଲ ରେ ଅଧାକଟା ହୋଇ ବିଡା ବିଡା ପାଚିଲା ଧାନ ପଡିରହିଥିବା ବେଳେ ଲଘୁଚାପ ବର୍ଷା ଯୋଗୁଁ ଏହା ନଷ୍ଟ ହେବା ସହ ଗଜା ହୋଇଯିବା ଆଶଙ୍କା ଦେଖାଦେଇଛି । ଢେଙ୍କାନାଳ ଜିଲାରେ ବର୍ତ୍ତମାନ ସୁଦ୍ଧା ମଣ୍ଡି ଆରମ୍ଭ ହୋଇ ନଥିବା ବେଳେ ଲଘୁଚାପ ଜନିତ ଲଗାଣ ବର୍ଷାକୁ ନେଇ କେମିତି ଭଲ ମାନର ଧାନ ଅମଳ କରି ମଣ୍ଡିରେ ବିକିପାରିବେ ସେ ନେଇ ଚିନ୍ତାରେ ଚାଷୀ । ଅପରପକ୍ଷରେ ଧାର କରଜ କିପରି ଶୁଝିବେ ତାହାକୁ ନେଇ ଚାଷୀ ମୁଣ୍ଡରେ ଚଡ଼କ ପଡିଛି। ତେଣୁ ସରକାରଙ୍କ ତରଫରୁ କିଛି ସହାୟତା ପ୍ରଦାନ କରାଯିବା ନେଇ ଚାଷୀମାନେ ଦାବି ଜଣାଇଛନ୍ତି।



## ଢେଙ୍କାନାଳ ପର୍ଯ୍ୟନ୍ତ ଆସିବ ମେଟ୍ରୋ ଟ୍ରେନ୍: ମନ୍ତ୍ରୀ କୃଷ୍ଣ ପାତ୍ର

ଢେଙ୍କାନାଳ,୨୧।୧୨(ରତନ ନାୟାର)



ଢେଙ୍କାନାଳ ପର୍ଯ୍ୟନ୍ତ ଆସିବ ମେଟ୍ରୋ ଟ୍ରେନ୍ ଏବଂ ଢେଙ୍କାନାଳ ସହର ଚତୁଃପାର୍ଶ୍ୱରେ ରିଙ୍ଗରୋଡ ହେବ ବୋଲି ଶନିବାର ଢେଙ୍କାନାଳ ଠାରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି । ଏଥିସହିତ ରାସ୍ତାଗୁଡ଼ିକ ଚାରିଲେନ୍ ହେବ । କପିଳାସଠାରେ ୧୫୦ଏକର ଜାଗାରେ ୧୨ଶହ କୋଟି ଟଙ୍କା ବ୍ୟୟରେ ରାଜ୍ୟର ଏକମାତ୍ର ସାଇନ୍ସ ସିଟି ପ୍ରତିଷ୍ଠିତ ହେବ। ମେଡିକାଲ କଲେଜ ହେବ। ୱାରୀ ଓ କଲ୍ୟାଣୀ ଭଳି ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହେବ। ଢେଙ୍କାନାଳ ରାଜ୍ୟରେ ଏକ ନମ୍ବର ଜିଲା ହେବ । ଢେଙ୍କାନାଳ ନେତୃତ୍ୱ ଏବେ ଢେଙ୍କାନାଳ ଲୋକଙ୍କୁ ମିଳିଛି । ଆଗରୁ ବାହାର ଲୋକଙ୍କୁ ମିଳିଥିଲା । ଗତ ୨୪ ବର୍ଷ ଭିତରେ କିଛି ବିକାଶ ହୋଇନାହିଁ ବାହାର ଲୋକ ନିର୍ବାଚନ ଲଢୁଥିଲେ। ଢେଙ୍କାନାଳ ଲୋକ କେବଳ ଭୋଟ ଦେଉଥିଲେ ବୋଲି ମନ୍ତ୍ରୀ କହିଥିଲେ ।

## ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇବେ ପ୍ରୀତିସ୍ମିତା

ଢେଙ୍କାନାଳ,୨୧।୧୨(ରତନ ନାୟାର)



ଢେଙ୍କାନାଳର ଝିଅ ପ୍ରୀତିସ୍ମିତା ଭୋଇ ଜିଲା ପାଇଁ ଆଣିଛନ୍ତି ଗର୍ବ ଓ ଗୌରବ । କାତାରର ଦୋହାଠାରେ ଅନୁଷ୍ଠିତ ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ–୨୦୨୪ର ଯୁବ ୪୫କେଜି ବର୍ଗରେ ରୌପ୍ୟପଦକ ହାସଲ କରିଛନ୍ତି ପ୍ରୀତିସ୍ମିତା । ଏଥିସହିତ ସେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ପାଇଁ ମନୋନୀତ ହୋଇଥିବା ତାଙ୍କର କୋଚ୍ ଗୋପାଳକୃଷ୍ଣ ଦାସ ଶୁକ୍ରବାର ସୂଚନା ଦେଇଛନ୍ତି । ଆସନ୍ତା ୨୬ ତାରିଖରେ ସେ ରାଷ୍ଟ୍ରପତି ଭବନ ନୂଆଦିଲ୍ଲୀରେ ରାଷ୍ଟ୍ରପତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିବେ ପ୍ରୀତିସ୍ମିତା । ଏଥିପୂର୍ବରୁ ପ୍ରୀତିସ୍ମିତା ୨୦୨୪ ମେ' ମାସରେ ସାଉଥ୍ ଆଫ୍ରିକାର ପେରୁଠାରେ ଅନୁଷ୍ଠିତ ବିଶ୍ୱ ଭରୋତ୍ତୋଳନ ପ୍ରତିଯୋଗିତାର ଯୁବବର୍ଗ ୪୦କେଜିରେ ସ୍ୱର୍ଣ୍ଣ ପଦକ ହାସଲ କରି ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ସେ ଉକ୍ତ ପ୍ରତିଯୋଗିତାରେ ୧୫ବର୍ଷର ଚାଇନା ଖେଳାଳିଙ୍କ ଦ୍ୱାରା ଥିବା ବିଶ୍ୱ ରେକର୍ଡକୁ ଭାଙ୍ଗିଥିଲେ । ଏଥିପାଇଁ ତାଙ୍କୁ ଜାତୀୟସ୍ତରରୁ ଆରମ୍ଭ କରି ରାଜ୍ୟ ଓ ଜିଲାସ୍ତରରେ ଶୁଭେଚ୍ଛାର ସୁଅ ଛୁଟିଥିଲା। ସେ ଢେଙ୍କାନାଳର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ଅଟନ୍ତି। ସେ କୋଚ୍ ଗୋପାଳକୃଷ୍ଣ ଦାସଙ୍କ ଠାରୁ ପ୍ରଶିକ୍ଷଣ ନେଉଛନ୍ତି । ପ୍ରୀତିସ୍ମିତା ଢେଙ୍କାନାଳ ସହର ଦୁର୍ଗାବଜାର ଅଞ୍ଚଳର ସ୍ୱର୍ଗତ ମହେନ୍ଦ୍ର ଭୋଇ ଓ ଯମୁନା ଭୋଇଙ୍କର କନିଷ୍ଠ କନ୍ୟା ଅଟନ୍ତି ।

## ସାସିଂହ ଗ୍ରାମରେ ମାଗଣା ସ୍ୱାସ୍ଥ୍ୟ ଶିବିର



ଢେଙ୍କାନାଳ,୨୧।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ରସାସିଂହ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ନବ ଲିମିଟେଡ୍ କମ୍ପାନୀ ପକ୍ଷରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୋଭା ଆନୁକୂଲ୍ୟରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଞ୍ଚଳରେ ବହୁ ସଂଖ୍ୟାରେ ଲୋକ କିଡନୀ ସମସ୍ୟାରେ ଆକ୍ରାନ୍ତ ହୋଇଥିବାରୁ ଏଥିନିମନ୍ତେ ଶିବିରଟି ଗ୍ରାମରେ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ସଦାଶିବପୁର ଗ୍ରାମପଞ୍ଚାୟତ ସରପଞ୍ଚ ଧରିତ୍ରୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ନବ ଲିମିଟେଡ୍ କମ୍ପାନୀର ଉପ ସଭାପତି ରିୟର ଆଡମିରାଲ ଭି. ରାଜଶେଖର, ସିଏସ୍ଆଇ ମୁଖ୍ୟ ରାଧେଶ୍ୟାମ ସିଂହ, ଡ. ତ୍ରିଭୁବନ ସିଂହ, ହେମନ୍ତ କୁମାର ପଟେଲ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରତନୀ ଦେଇ, ଶୋଭାର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର ପ୍ରମୁଖ ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ଲୋକମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୁଝିବା ସହ ସ୍ୱାସ୍ଥ୍ୟର ସୁରକ୍ଷା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିଥିଲେ। ଏହି ଶିବିରରେ ପଞ୍ଚାୟତର ୪୦୩ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ୮୦ଜଣଙ୍କର କିଡନୀ ପରୀକ୍ଷା କରାଯାଇଥିବା ୧୪୨ଜଣଙ୍କର ରକ୍ତ ସର୍କରା, ରକ୍ତଚାପ, ହିମୋଗ୍ଲୋବିନ, ବ୍ଲଡ ଗ୍ରୁପିଂ ଓ ମ୍ୟାଲେରିଆ ଆଦି ପରୀକ୍ଷା ହୋଇଥିଲା । କିଡନୀ, ସ୍ତ୍ରୀ ରୋଗ, ଶିଶୁ ରୋଗ ବିଶେଷଜ୍ଞଙ୍କ ସମେତ ଭେଷଜ, ହୋମିଓପାଥିକ ଏବଂ ଚକ୍ଷୁ ବିଭାଗ ବିଶେଷଜ୍ଞ, ଫାର୍ମାସିଷ୍ଟ ଓ ଲାବ୍ ଟେକନିସିଆନମାନେ ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ୧୦୧ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇ ୫୬ଜଣଙ୍କୁ ମାଗଣାରେ ଚଷମା ବଣ୍ଟନ କରାଯାଇଥିଲା। ଏଥିପୂର୍ବରୁ କମ୍ପାନୀ ପକ୍ଷରୁ ଶିବପୁର, ଖଡଗପ୍ରସାଦ ଓ ବଦାଳୋ ଗ୍ରାମରେ ଏଭଳି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା ।

## ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ଢେଙ୍କାନାଳ,୨୧।୧୨(ରତନ ନାୟାର)



ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଶନିବାର ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ, ଓଡିଶାରେ ୧୪ଲକ୍ଷ ମେଟ୍ରିକ ଟନ ଆଳୁ ଆବଶ୍ୟକ ଥିବା ବେଳେ ୩ଲକ୍ଷ ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ହେଉଛି । ନବରଙ୍ଗପୁର ଗସ୍ତ ସମୟରେ ସେଠାକାର କୃଷକମାନଙ୍କ ସହ ଆଲୋଚନା କରିବା ପରେ ସେମାନେ କହିଲେ ଯେ, ଆମକୁ ଶୀତଳ ଭଣ୍ଡାର କରିଦେଲେ ଆମେ ସାରା ରାଜ୍ୟକୁ ଆଳୁ ଯୋଗାଇଦେବୁ । ଆମ କୃଷକମାନେ ଯୋଗ୍ୟ। ସେମାନେ ବି ଆଳୁ ଉତ୍ପାଦନ କରିପାରିବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାହୁଁଛନ୍ତି ଓଡିଶା ସ୍ୱୟଂସମ୍ପୂର୍ଣ୍ଣ ହେଉ । ଓଡିଶାରେ କୃଷକ ଯୋଗ୍ୟ ଏବଂ ଓଡିଶାର ମାଟି ଉର୍ବର । ଆଳୁ ସଂକଟ ସମୟରେ ଦିଦି ବ୍ଲାକମେଲିଂ କଲେ । ପୁଣି ପରେ ଆଳୁ ଦେଲେ । ଓଡିଶାରୁ ଭାଇ ଚିଠି ଲେଖି ଦେଉଛନ୍ତି। ଭଉଣୀ ଆଳୁ ବନ୍ଦ କରି ଦେଉଛନ୍ତି । କିନ୍ତୁ ଏଣିକି ଆଉ କାହା ଆଗରେ ଆମେ ହାତ ପତାଇବୁନି । ରାଜ୍ୟ ବିକଶିତ ହେଲେ, ରାଷ୍ଟ୍ର ବିକଶିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେତୃତ୍ୱକୁ ସାରା ବିଶ୍ୱ ମାନୁଛି । ଆସନ୍ତା ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ଦେଶ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କୃଷି ଉତ୍ପାଦର ସଂରକ୍ଷଣ ଓ କୃଷକମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି ମନ୍ତ୍ରୀ କହିଥିଲେ । ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ନରେଶଚନ୍ଦ୍ର ମହାପାତ୍ର, ସହକାରୀ କୃଷି ନିର୍ଦ୍ଦେଶକ ମାର୍କଣ୍ଡ ପ୍ରଧାନ, କୃଷି ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ମେଳାରେ ଅତ୍ୟାଧୁନିକ ଯନ୍ତ୍ରପାତି ପ୍ରଦର୍ଶନ ସହିତ କ୍ରୟ କରି ବହୁଳ ଭାବରେ ଚାଷରେ ପ୍ରୟୋଗ କରିବା ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା । ପ୍ରାରମ୍ଭରେ ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ପାଢୀ ମେଳା ଆୟୋଜନ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଏହି ଅବସରରେ ଗୋବର୍ଦ୍ଧନ ପୁହାଣ, ଗୀତାଞ୍ଜଳି ପୃଷ୍ଟି, ସମୀର କୁମାର ସାହୁ ଓ ସୌମ୍ୟରଞ୍ଜନ ସାମଲଙ୍କୁ ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ପୁରସ୍କାର ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ମେଳାରେ ଅଂଶଗ୍ରହଣ କରିଥିବା କୃଷି ଯନ୍ତ୍ରପାତି ଡିଲରମାନଙ୍କୁ ପୁରସ୍କୃତ କରାଯାଇଥିଲା । ସତ୍ୟ ନାରାୟଣ କର କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ରସାୟନ ବିଜ୍ଞାନ ଆଲୋଚନାଚକ୍ର




ପରଜଙ୍ଗ, ୨୧।୧୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ମହାବିଦ୍ୟାଳୟ ସଭାଗୃହରେ ଶନିବାର ପରଜଙ୍ଗ ମହାବିଦ୍ୟାଳୟ ଯୁକ୍ତ ତିନି ବିଜ୍ଞାନର ଜାତୀୟ ଆଲୋଚନା ଚକ୍ର ଅଧ୍ୟକ୍ଷା ସ୍ମିତରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଯାଇଛି। ରସାୟନ ବିଜ୍ଞାନର ଆସିଷ୍ଟାଣ୍ଟ ପ୍ରଫେସର ଡ. ହିମାଂଶୁ ଶେଖର ସାହୁ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ପ୍ରବକ୍ତା ଭାବରେ ଯୋଗଦେଇ "ସ୍ପେକ୍ଟ୍ରସ୍କପିକ ମେଥଡସ ଫର୍ ମୋଲେକ୍ୟୁଲାର" ଶୀର୍ଷକ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ବିକାଶ ସାହୁ, ଓଡ଼ିଆ ବିଭାଗ ମୁଖ୍ୟ ପ୍ରସନ୍ନ କୁମାର ସାହୁ, ରସାୟନ ବିଜ୍ଞାନ ଅଧ୍ୟାପକ ବିରଞ୍ଚି ନାରାୟଣ ଜେନା, ରାଜସ୍ମିତା ମଲ୍ଲିକ, ରାଜଚନ୍ଦନ ସାହୁ, ଭଗବାନ ସିଦ୍ଧାନ୍ତ ରଣା, କମଳ କୁମାର ବାରିକ, ସୁବଳ କୁମାର ଦଳବେହେରା ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

## ଗୁଣଦେଇ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଓଡ଼ାପଡ଼ା, ୨୧।୧୨ (ରଞ୍ଜିତ ନାୟାକ)

ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଗୁଣଦେଇ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତିକା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସରପଞ୍ଚ ସୁବ୍ରତ କୁମାର ନାୟକ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ରୁଦ୍ରଦେବ ପ୍ରଧାନ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଧ୍ରୁବଚରଣ ପୃଷ୍ଟି ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୁବ୍ରତ କୁମାର ନାୟକ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଝୁନୁବାଳା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କାମାକ୍ଷାନଗର, ୨୧।୧୨(ସୁଧୀର କୁମାର ପରିଡା)



ଢେଙ୍କାନାଳ ଜିଲା କାମାକ୍ଷାନଗର ପଞ୍ଚାୟତ ସମିତି ଆନୁକୂଲ୍ୟରେ ଶନିବାର ସାରଙ୍ଗଧର ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ ୧୧୫୯ ଜଣ ପଞ୍ଜୀକରଣ କରିଥିବା ବେଳେ ଅସ୍ଥିଶଲ୍ୟ ବିଭାଗରେ ୫୧୫ଜଣ, ଶ୍ରବଣବାଧିତ ୧୫୯ଜଣ, ଦୃଷ୍ଟିବାଧିତ ୧୨୪ଜଣ, ଭେଷଜରେ ୧୭ଜଣ, ମାନସିକ ରୋଗ ବିଭାଗରେ ୩୪୪ଜଣ ପଞ୍ଜିକୃତ ହୋଇଥିବା ବେଳେ ୪୧ଜଣଙ୍କୁ ଶାରୀରିକ ଅକ୍ଷମ ପ୍ରମାଣପତ୍ର ଓ ୫ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ମୁଖ୍ୟବକ୍ତା ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ, ତହସିଲଦାର ପ୍ରିୟବ୍ରତ ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଡ଼ିଓ ଅବିନାଶ ପାଣ୍ଡିଆ ଅଧକ୍ଷତା କରିଥିଲେ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ କୁଅଁର ସଭା ପରିଚାଳନା କରିଥିଲେ । ଏହି ଶିବିରରେ ଡା.ଅଭିମନ୍ୟୁ ଆଚାର୍ଯ୍ୟ, ଡା.ପ୍ରଦ୍ୟୋତ ବେହେରା, ଡା.ଏସ. କେ କଳିମଉଲା, ଡା. ମୋନିକା ପଟ୍ଟନାୟକ, ଡା. ରତିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ପରୀକ୍ଷା କରି ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ପୋଖରୀରୁ ମୃତଦେହ ଜବତ

ରାସୋଳ, ୨୧।୧୨ (ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ନବକିଶୋରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ କାଳିପୋଇ ଗ୍ରାମର ଗିରିଶ ନାହାକ (୫୦)ଙ୍କ ମୃତଦେହ ଏକ ପୋଖରୀରୁ ଜବତ କରାଯାଇଛି। ସେ ଗତ ୧୫ତାରିଖରୁ ନିଖୋଜ ଥିଲେ। ଗ୍ରାମ ନିକଟସ୍ଥ ପୋଖରୀରେ ହାତଗୋଡ଼ ବନ୍ଧା ହୋଇ ଭାସୁଥିବା ବେଳେ ଗ୍ରାମବାସୀ ଦେଖିଥିଲେ। ଖବରପାଇ ରାସୋଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ସେପଟେ ପରିବାର ଲୋକ ହତ୍ୟା ଅଭିଯୋଗ କରିଛନ୍ତି। ତାଙ୍କୁ କେହି ହତ୍ୟାକରି ହାତଗୋଡ଼ ବାନ୍ଧି ପୋଖରୀରେ ପକାଇ ଦେଇଥିବା ଅଭିଯୋଗ ଆଣିଛନ୍ତି।

## ବରିଷ୍ଠ ନାଗରିକମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ

ରାସୋଳ, ୨୧।୧୨ (ସରୋଜ ମିଶ୍ର)




ହିନ୍ଦୋଳ ଉପଖଣ୍ଡ ବଙ୍କଟିଆ ଗଣେଶ୍ୱର କ୍ଲବ ଆନୁକୂଲ୍ୟରେ ବରିଷ୍ଠ ନାଗରିକମାନଙ୍କୁ ନେଇ କ୍ଲବ ପରିସରରେ ଏକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତଦାନ ଶିବିର, ଦନ୍ତ ଚିକିତ୍ସା, କମ୍ବଳ ବଣ୍ଟନ ଆଦି କରାଯାଇଥିଲା। ଅନୁଗୁଳ ମାରୱାଡି ଯୁବ ମୋର୍ଚ୍ଚା ସହଯୋଗରେ ଅନୁଗୁଳ ରକ୍ତ ଭଣ୍ଡାର ବିଭାଗ ଓ ଡାକ୍ତର ପ୍ରଭାତୀ ମୋଦି, ଡାକ୍ତର ଚଞ୍ଚଳ ରଣା, ଡାକ୍ତର ବିଶ୍ୱଜିତ ସାମଲ ଯୋଗଦେଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜିଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଅବସରପ୍ରାପ୍ତ ଜିଲା ଦୌରାଜଜ ଦୁର୍ଗାଚରଣ ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା କରାଯାଇଥିଲା। ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ ସଭାପତି ଯୋଗୀନାଥ ମହାନ୍ତି ଓ ଅକ୍ଷୟ କୁମାର ସାହୁ ଅନୁଗୁଳ ମାରୁଆଡ଼ି ଯୁବମଞ୍ଚର ଉପଦେଷ୍ଟା କମଳ ଆଗ୍ରବାଲା, ସଭାପତି ହିତେଶ ଆଗ୍ରବାଲା, ହିନ୍ଦୋଳ ବରିଷ୍ଠ ନାଗରିକ ମଞ୍ଚ ତଥା ଗଣେଶ୍ୱର କ୍ଲବର ସଭାପତି ଶ୍ରୀନିବାସ ମିଶ୍ର, ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ଛବିରାଜ ବିଶ୍ୱାଳ, ହେଲ୍ପ ଏଜ୍ ଓଡିଶା ଶାଖାର ସଭାନେତ୍ରୀ ଭାରତୀ ଚକ୍ରବର୍ତ୍ତୀ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ଓ ନିରାକରଣ ବିଷୟରେ ଆଲୋଚନା କରିଥିଲେ। ସଭାକୁ ଗଣେଶ୍ୱର କ୍ଲବର ସମ୍ପାଦକ ରାଜେନ୍ଦ୍ର କୁମାର ପାଳ ପରିଚାଳନା କରିଥିବାବେଳେ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ବିନୟ କୁମାର ସାମଲ ଧନ୍ୟବାଦ ଦେଇଥିଲେ। ୬୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ବେଳେ ୫୫ ଜଣଙ୍କର ଦାନ୍ତ ପରୀକ୍ଷା କରାଯାଇଥିଲା। ମଧୁମେହ ଓ ଉଚ୍ଚ ରକ୍ତଚାପ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଏହାକୁ ଡାକ୍ତର ଚୈତନ୍ୟ ସାହୁ ଓ ସୂର୍ଯ୍ୟ ନାରାୟଣ ରାଉତ ସହଯୋଗ କରିଥିଲେ। ପରେ ନବକିଶୋରପୁର ପଞ୍ଚାୟତ କାଳିପୋଇଠାରେ ଗରିବ ଲୋକମାନଙ୍କୁ ମାଗଣା କମ୍ବଳ, ଚାଉଳ, ଡାଲି ଆଦି ବଣ୍ଟନ କରାଯାଇଥିଲା।

## ରାଜ୍ୟସ୍ତରୀୟ ଅନଗ୍ରସର ବିଦ୍ୟାଳୟର ଖେଳକୁଦ ଉଦ୍‌ଯାପିତ

ଢେଙ୍କାନାଳ,୨୧।୧୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ଗ୍ରାମପଞ୍ଚାୟତର ଜ୍ୟୋତିନଗରସ୍ଥିତ ଜୀବନଜ୍ୟୋତି ବୌଦ୍ଧିକ ଦିବ୍ୟାଙ୍ଗ ସଂସ୍ଥାନଠାରେ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା କୋଷାଧିକାରୀ ଗୌତମୀ ନାୟକ ଓ ସମ୍ମାନିତ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ, ଜିଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ ଓ ସଭ୍ୟ ବିଭୁତି ଭୂଷଣ ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଇନର୍ ହୁଇଲ୍ କ୍ଲବ୍‌ର ସମ୍ପାଦକ ଆଇ ରୂପାରାଣୀ ଏବଂ ଡିଏସ୍‌ପି ଶ୍ରୀମତୀ ସନ୍ଧ୍ୟାରାଣୀ ବେହୁରା ଏବଂ ସ୍ମାଇଲ୍ କ୍ଲବ୍ ସଭାପତି ଶ୍ରୀମତୀ ଓ ସୁନିତା ବେହେରା ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ବାରିପଦାର ରୋଜ୍ ଓ ମନୋବିକାଶ, ଝାରସୁଗୁଡାର ଆଶାକରନ୍ ଓ ଉତ୍କଳ କଲ୍ୟାଣ ସେବା ସଂଘ, ବରଗଡ଼ର ବାପୁଜୀ ସ୍ପେଶାଲ୍ ସ୍କୁଲ୍, କଟକର ସହାୟ ଓ ମଦର ଟେରେସା, ଖୋର୍ଦ୍ଧାର ଚେତନା, ନୟାଗଡ଼ର ସେବା ଓ ସ୍ମୃତି, ମୟୂରଭଞ୍ଜର ଲକ୍ଷ୍ମୀ ବାସନ୍ତୀ, ଢେଙ୍କାନାଳର ଅକ୍ଷମ କଲ୍ୟାଣ ସମିତି ଓ ଜୀବନଜ୍ୟୋତିର ୩୦୦ କ୍ରୀଡା ପ୍ରତିଯୋଗୀ ଏବଂ ୧୦୦ କର୍ମଚାରୀ ଉପସ୍ଥିତ ରହିଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଅଂଶଗ୍ରହଣ କରିଥିବା ସମସ୍ତ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ବିଜୟ ସ୍ମାରକୀ ପ୍ରଦାନ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଅଧକ୍ଷା ଆରତୀପ୍ରଭା ସେନାପତି ଏବଂ ସ୍ୱତନ୍ତ୍ର ଶିକ୍ଷକ ଲିପିକା କର, ନବକିଶୋର ଡାକୁଆ, ଜ୍ୟୋତି ମହାପାତ୍ର, ଘନଶ୍ୟାମ ମହାନ୍ତି, ବନ୍ଦନା ସାହୁ, ପବିତ୍ର ମୁଦୁଲି, ଜ୍ୟୋତି ରଞ୍ଜନ ବଳିଆର ସିଂ, ସତ୍ୟନାରାୟଣ ମହାପାତ୍ର, ସାଇରଞ୍ଜନ ଉତ୍ତରକବାଟ, ଶିବାନୀ ରଥ, ଈଶ୍ୱରୀପ୍ରଭା ନାୟକ, ରମେଶ ପରିଡା, ରଶ୍ମିରଞ୍ଜନ ପୃଷ୍ଟି, ଆଶୀର୍ବାଦ ଚୌଧୁରୀ, ଲକ୍ଷ୍ମୀକାନ୍ତ କର, ଶୁଭସ୍ମିତା ସାହୁ ଓ ସଙ୍ଗୀତା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ଜୀବନଜ୍ୟୋତି ଅନୁଷ୍ଠାନର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାପାତ୍ର ପରିଚାଳନା କରିଥିଲେ ।




ରାଜ୍ୟସ୍ତରୀୟ ଅନଗ୍ରସର ବିଦ୍ୟାଳୟର ଖେଳକୁଦ ଉଦ୍‌ଯାପିତ।

**ମଦ ଜବତ, ଜଣେ ଗିରଫ**

ତାଳଚେର,(ମନୋଜ ନନ୍ଦ)- ତାଳଚେର ଅବକାରୀ ବିଭାଗ ପକ୍ଷରୁ କଣ୍ଡାଳ ରୋଡରେ ଚଢ଼ାଉ କରାଯାଇ ୭୦ ଲିଟର ଦେଶୀ ମଦ ଜବତ ସହ ଜଣକୁ ଗିରଫ କରାଯାଇଛି। ଅବକାରୀ ନିରୀକ୍ଷକ ଉମାକାନ୍ତ ସ୍ୱାଇଁ, ଓଆଇସି ହାଡିଆ ବେହେରା ପ୍ରମୁଖ ଚଢ଼ାଉ କରି କଣ୍ଡାଳ ରାସ୍ତାରେ ଦେଶୀ ମଦ ନେଇ ଯାଉଥିବା କନ୍ଧବେରଣୀ ଗ୍ରାମର ଗୌର ବେହେରାଙ୍କୁ ଗିରଫ କରିବା ସହ ବାଇକ୍ (ନଂ. ଓଡି ୩୫ ଏଫ -୧୮୨୧) ଜବତ କରିଥିଲେ।



# ହାତପାଆନ୍ତାରେ ବିଦ୍ୟୁତ୍ ତାର

■ବିପଦ ଆଶଙ୍କା କରୁଛନ୍ତି ଅଞ୍ଚଳବାସୀ

■ଜିଲାପାଳଙ୍କ ଠାରେ ଅଭିଯୋଗ କଲେ ସରପଞ୍ଚ


ଅତି ତଳକୁ ଖସି ଆସିଥିବା ବିଦ୍ୟୁତ୍ ତାର।

**ବଇଣ୍ଡା, ୨୧।୧୨ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ପଞ୍ଚାୟତରେ ବିଦ୍ୟୁତ୍ ସେବାରେ ନାନା ଅବ୍ୟବସ୍ଥା ଦେଖାଦେଇଥିବା ଅଭିଯୋଗ ହୋଇଛି। ୨୪ ଘଣ୍ଟିଆ ବିଦ୍ୟୁତ୍ ମିଳିବା ତ ଦୂରର କଥା ଅନେକ ସ୍ଥାନରେ ଭଙ୍ଗା ବିଦ୍ୟୁତ୍ ଖୁଣ୍ଟ, ଛିଣ୍ଡା ତାର ରହିଥିଲେ ମଧ୍ୟ ତାହା ବଦଳାଯାଉ ନାହିଁ। ଏପରି କି ବାମୁର ସାପ୍ତାହିକ ହାଟ ନିକଟରେ ହାତପାଆନ୍ତାକୁ ବିଦ୍ୟୁତ୍ ତାର ଓହଳି ଆସିଥିଲେ ମଧ୍ୟ ତାହାକୁ ଉପରକୁ ଉଠାଯାଉ ନାହିଁ। ଏ ନେଇ ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି।

ଅଭିଯୋଗପତ୍ରରେ ସରପଞ୍ଚ ଉଲ୍ଲେଖ କରିଛନ୍ତି, ବାମୁର ପଞ୍ଚାୟତର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଅତି ତଳକୁ ଓହଳି ରହିଛି। କେଉଁଠି ଖୁଣ୍ଟ ପୋତା ହୋଇଛି ତ ଆଉ କେଉଁଠି ତାର ଟଣା ଯାଇଥିଲେ ମଧ୍ୟ ସଂଯୋଗ ମିଳୁନାହିଁ। ବାମୁର ସାପ୍ତାହିକ ହାଟ ନିକଟରେ ଅତି ତଳକୁ ତାର ଓହଳି ରହିଥିବା ବେଳେ ହାଟ ସମୟରେ ବିପଦ ଆଶଙ୍କା ଦେଖାଦେଉଛି। ଜୋର୍‌ରେ ବର୍ଷା ପବନ ହେଲେ ତାରରୁ ନିଆଁ ଝୁଲ ଖସୁଛି। ଫଳରେ ଅନେକ ସମୟରେ ଉପଭୋକ୍ତାମାନଙ୍କ ବିଦ୍ୟୁତ୍ ବଲ୍‌ବ, ଫ୍ୟାନ ସହ ଅନ୍ୟାନ୍ୟ ବୈଦ୍ୟୁତିକ ସାମଗ୍ରୀ ପୋଡିଯାଉଛି। କେବଳ ବାମୁର ନୁହେଁ. ବଇଣ୍ଡା, ଧଉରାପାଲି, ନାକିଚି ଆଦି ଅଞ୍ଚଳରେ ଥିବା ବିଦ୍ୟୁତ୍ ସବଷ୍ଟେଶନ ଅଧୀନରେ ଥିବା ବାମୁର, ହିମିତିରା, ଅଙ୍ଗପଡା ଆଦି ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଅତି ତଳକୁ ଖସି ଆସିଥିବା ଦେଖାଯାଉଛି। ଅନେକ ଅଞ୍ଚଳବାସୀ ବାଧ୍ୟ ହୋଇ କାଠ ମାଧ୍ୟମରେ ତାରକୁ ଉପରକୁ ଟେକି ରଖିଛନ୍ତି। ବିଲ୍ ଆଦାୟ ଉପରେ ବିଭାଗ ପକ୍ଷରୁ ଯେପରି ତତ୍ପରତା ଦେଖାଯାଉଛି, ସେବା ଯୋଗାଇବା ପାଇଁ ସେତିକି ତତ୍ପରତା ପ୍ରକାଶ ପାଉନାହିଁ। ସେହିପରି ବର୍ଷ ବର୍ଷ ଧରି ବିଦ୍ୟୁତ୍ ବିଲ୍‌ରେ ଥିବା ତ୍ରୁଟି ସଂଶୋଧନ କରାଯାଉନାହିଁ ବୋଲି ସରପଞ୍ଚ ଅଭିଯୋଗରେ ଦର୍ଶାଇଛନ୍ତି। ତୁରନ୍ତ ବିଭାଗ ପକ୍ଷରୁ ଏ ଦିଗରେ ପଦକ୍ଷେପ ନେବା ପାଇଁ ସରପଞ୍ଚ ଦାବି କରିଛନ୍ତି। ସେହିପରି ଅଚଳ ଥିବା ଟ୍ରାନ୍ସଫର୍ମରଗୁଡିକ ମରାମତି ସହ ଅତି ତଳକୁ ଖସି ଆସିଥିବା ତାର ଉପରକୁ ଉଠାଇବା ପାଇଁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବଇଣ୍ଡା ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଅକ୍ଷୟ କୁମାର ସାହୁ କହିଛନ୍ତି, ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ।

# ଶିକ୍ଷା ସହ କ୍ରୀଡ଼ା ଆବଶ୍ୟକ

**ଆଠମଲ୍ଲିକ,୨୧।୧୨ (ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ରୁଗୁଡ଼ିସାହି ମାତୃ ବିହାରଠାରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଠମଲ୍ଲିକ ଏନ୍‌ଏସି ପ୍ରତିନିଧି ସନ୍ତୋଷ କୁମାର ହୋତା ଯୋଗଦେଇ ଉଦ୍‌ଘାଟନ କରି ଶିକ୍ଷା ସହିତ କ୍ରୀଡ଼ାର ଆବଶ୍ୟକତା ରହିଛି ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ବିଦ୍ୟାଳୟ ତରଫରୁ ଜଣାଇ ଦିଆଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ପ୍ରଧାନ, ଶିକ୍ଷକ ରବୀନ୍ଦ୍ର ପ୍ରଧାନ, ପ୍ରଭାସ କୁମାର ସାହୁ, ସଞ୍ଜୟ ଗାଇଗରିଆ, ଶିକ୍ଷୟିତ୍ରୀ ବିରଜା ଲକ୍ଷ୍ମୀ ସିଂ, ସୌଭାଗିନୀ ବିଶୋଇ, କମଳିନୀ ଶଙ୍ଖୁଆ, ସୁଜାତା ସିଂ, ସସ୍ମିତା ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଗ୍ରାମ ଉତ୍କର୍ଷ ଅଭିଯାନ ମନ୍ଥନ ଶିବିର



ବୈଠକରେ ଜିଲାପାଳଙ୍କ ସହିତ ଅନ୍ୟ ଅଧିକାରୀମାନେ।

**ଅନୁଗୋଳ,୨୧।୧୨ (ମାନସ ବିଶ୍ୱାଳ)**

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ କେନ୍ଦ୍ର ସରକାର ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ୨୦୨୪ର ଜିଲାସ୍ତରୀୟ ମନ୍ଥନ ଶିବିର ଶନିବାର ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅବଦଲ ମହମ୍ମଦ ଅଖତାର ଅଧ୍ୟକ୍ଷତା କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର ଉକ୍ତ ଶିବିରର ଆବାହକ ଥିଲେ। ସମସ୍ତ ଉପଜିଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ୧୭ ଗୋଟି ବିଭାଗର ଅଧିକାରୀ ଏହି ଶିବିରରେ ଯୋଗଦାନ କରିଥିଲେ। ଏସ୍‌ଏସ୍‌ଡି ବିଭାଗର ମୁଖ୍ୟ ରୁଦ୍ର ରଥ ଯୋଗଦେଇ ଶିବିରର ଲକ୍ଷ୍ୟ ବିଷୟରେ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରିଥିଲେ। ଏହି ଅଭିଯାନରେ ଅନ୍ତର୍ଭୁକ୍ତ ହୋଇଥିବା ସମସ୍ତ ଅନୁସୂଚିତ ଜାତି ଓ ଜନଜାତି ବହୁଳ ୫୯ଟି ଗ୍ରାମରେ ବ୍ୟକ୍ତିଗତ ତଥା ସାମୂହିକ ସୁବିଧା ସୁଯୋଗ ଯୋଗାଇ ଦେଇ ସମସ୍ତ ଗ୍ରାମକୁ ଆଦର୍ଶ ଗ୍ରାମରେ ପରିଣତ କରିବାକୁ ପରାମର୍ଶ ଦେବା ସହିତ ଜିଲା ପ୍ରଶାସନ ତରଫରୁ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମସ୍ତ ଅଧିକାରୀଙ୍କୁ ଉକ୍ତ ଗ୍ରାମଗୁଡିକୁ ବ୍ୟକ୍ତିଗତ ଭବରେ ପରିଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ।

# ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପବିତ୍ରନଗର,୨୧।୧୨(ନିରୋଜ ପ୍ରଧାନ)**

କଣିହାଁ ବ୍ଲକ ବଜ୍ରକୋଟସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରାତନ ଛାତ୍ର ତଥା ପଞ୍ଚସଖା ଶିକ୍ଷା ସେତୁର ସଭ୍ୟ ନୃସିଂହଚରଣ ବରାଳ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ କ୍ଷେତ୍ରବାସୀ ସାହୁ, ସମ୍ମାନିତ ଅତିଥି ଭାବେ ରାମଚନ୍ଦ୍ର ଜେନା, ହିମାଚଳ ପଣ୍ଡା ଓ ବିଭୂତି ଭୂଷଣ କବି ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷକ ଲମ୍ବୋଦର ସାହୁ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଏସ୍‌ଏମ୍‌ସି ସଦସ୍ୟ ଟିକେଶ୍ୱର ମହାନ୍ତି, ଶିକ୍ଷକ ବସନ୍ତ କୁମାର ସାହୁ, ଦୀପିକା ପ୍ରିୟଦର୍ଶିନୀ ଭୋଇ, ଜ୍ୟୋତିକାନ୍ତ ନାଏକ, ସୁଶାନ୍ତ ବେହେରା, ଖେଳ ଶିକ୍ଷକ ସୁରେଶ କୁମାର ସାହୁ, ଶିଶିର କୁମାର ମହାନ୍ତି, ପ୍ରଶାନ୍ତ କୁମାର ବଳ ଓ ଗିରିଧାରୀ ବରାଳ ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଝଲସୁଛି ଛେଣ୍ଡିପଦା ଜଗନ୍ନାଥ ମନ୍ଦିର


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକଙ୍କ ସହ ଅନ୍ୟମାନେ।


ରଙ୍ଗିନ ଆଲୋକମାଳାରେ ଝଲସୁଛି ମନ୍ଦିର।

**ଛେଣ୍ଡିପଦା,୨୧।୧୨ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଦର ମହକୁମା ଜଗନ୍ନାଥ ମନ୍ଦିରର ଆଲୋକୀକରଣ କାର୍ଯ୍ୟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର କମିଟି ସଭାପତି ଲମ୍ବୋଦର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଗସ୍ତି ବେହେରା, ଛେଣ୍ଡିପଦା ଗାଁ ସଭାପତି ଚନ୍ଦ୍ରମଣି ପ୍ରଧାନ, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ଗାଁ ସମ୍ପାଦକ ରବୀନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଆଲୋକୀକରଣକୁ ଉଦ୍‌ଘାଟନ କରିଥିଲେ। ମନ୍ଦିର ରଙ୍ଗିନ ଆଲୋକ ମାଳାରେ ଝଲସୁଥିବା ବେଳେ ବିଧାୟକଙ୍କ ଏହି ପ୍ରୟାସକୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି। ମନ୍ଦିର କମିଟି ଉପସଭାପତି ହୃଦାନନ୍ଦ ପ୍ରଧାନ, ଗୋପବନ୍ଧୁ ଗଡ଼ନାୟକଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

# ବିକ୍ଷୋଭ, କୁଶପୁତ୍ତଳିକା ଦାହ

**ଛେଣ୍ଡିପଦା,୨୧।୧୨ (ଅଜିତ ଧଳ)**

ସଂସଦରେ ଠେଲାପେଲା ବେଳେ ଭାଜପା ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ମୁଣ୍ଡ ଫାଟିବା ଘଟଣାକୁ ନେଇ ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଅନୁଗୋଳ ଜିଲା ଯୁବ ମୋର୍ଚ୍ଚା ସମ୍ପାଦକ ଜଗଦୀଶ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ ପ୍ରଧାନ, ଭାଜପା ଜିଲା ଉପ ସଭାପତି ଚୌଧୁରୀ ପ୍ରଧାନ, ଆଇଟିସେଲ କୋଅର୍ଡିନେଟର ଅକ୍ଷୟପାଦ ବେହେରାଙ୍କ ସମେତ ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ ସହ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ଯୁବ ମୋର୍ଚ୍ଚା ସଭାପତି ଅନିରୁଦ୍ଧ ସାହୁ, କୋଶଳା ଯୁବ ମୋର୍ଚ୍ଚା ସଭାପତି ବିକାଶ କୁମାର ସାହୁ, ଜରପଡା ଯୁବ ମୋର୍ଚ୍ଚା ସଭାପତି ସୁଜିତ ସାହୁ, ଛେଣ୍ଡିପଦା ମଣ୍ଡଳ ସଭାପତି ଗୋପବନ୍ଧୁ ଗଡ଼ନାୟକ, କୋଶଳା ମଣ୍ଡଳ ସଭାପତି ଧୋବେଇ ସାହୁ, ଜରପଡା ମଣ୍ଡଳ ସଭାପତି ଚିତ୍ରସେନ ସାହୁଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ନାଲ୍‌କୋ ଏସ୍‌ଭିଏମ୍‌ର ବାର୍ଷିକ ଉତ୍ସବ

**ବଣ୍ଟଅଁରପାଳ,୨୧।୧୨(ସୁବାସ ସାହୁ)**

ସରସ୍ୱତୀ ବିଦ୍ୟା ମନ୍ଦିର ନାଲ୍‌କୋନଗର ଠାରେ ବାର୍ଷିକ ଉତ୍ସବ ଅଧକ୍ଷ ଡ. ଶତ୍ରୁଘ୍ନ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏନ୍. ଏସ୍ ସୁବ୍ରମଣ୍ୟମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ସମ୍ପାଦକ ପ୍ରଭାତ କୁମାର ଧର ଅତିଥି ପରିଚୟ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ଼.ଧରଣୀଧର ନାଥ, ସମ୍ମାନିତ ଅତିଥି ଭାବେ ଜିଜିଏମ୍ କୋଲ୍ ଏସ୍. ଏସ୍. ପାତ୍ର, ଜିଜିଏମ୍ ସିଆର୍‌ଜି ପ୍ରମୋଥ କୁମାର ମହାନ୍ତି, ଜିଜିଏମ୍ ସିପିପି ଅମରେନ୍ଦ୍ର ମିଶ୍ର, ଜିଜିଏମ୍ ଓଆଣ୍ଡଏମ୍ ସତ୍ୟବାଦୀ ମିଶ୍ର, ଜିଏମ୍ ଫାଇନାନ୍ସ ପ୍ରଶାନ୍ତ କୁମାର ତ୍ରିପାଠୀ, ଜିଜିଏମ୍ ଏଚଆଣ୍ଡଏ ଶୁଭେନ୍ଦୁ କୁମାର ନାୟକ, ଜିଏମ୍ ଅଜିତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସରୋଜ କୁମାର କାନୁନ୍‌ଗୋ, ସୀତାକାନ୍ତ ମିଶ୍ର, ଈଶ୍ୱର ଚନ୍ଦ୍ର ସାହୁ, ଉଦ୍ଧବ ପାତ୍ର ସହଯୋଗ କରିଥିଲେ। ହାଇସ୍କୁଲ ପରୀକ୍ଷାରେ ଗ୍ରେଡଏ୧ ପାଇଥିବା ଛାତ୍ରୀଛାତ୍ର, ଯୁକ୍ତଦୁଇ କଳା ଓ ବିଜ୍ଞାନରେ ପ୍ରଥମ ହୋଇଥିବା ଓ ପଠାଣି ସାମନ୍ତ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସରସୀ ସ୍ୱାଇଁ, ଅହିଂସା ପ୍ରିୟଦର୍ଶିନୀ ସେନାପତି ସଂଯୋଜନା କରିଥିଲେ। କଲ୍ୟାଣୀ ମହାନ୍ତି, ଦେବସ୍ମିତା ପତି, ବିଜୟଲକ୍ଷ୍ମୀ ନନ୍ଦ, ସୁଜାତା ସାହୁ, ଜଗନ୍ନାଥ ପାଣିଗ୍ରାହୀ, ଗଦାଧର ପାଣିଗ୍ରାହୀ, ସସ୍ମିତା ମହାନ୍ତି ସହଯୋଗ କରିଥିଲେ।



# ଡିଗ୍ରୀ କଲେଜରେ ଏବିଭିପିର ନଗର ସମ୍ମିଳନୀ



ଯୁକ୍ତ ୩ ମହାବିଦ୍ୟାଳୟଠାରେ ନଗର ସମ୍ମିଳନୀରେ ଅତିଥିଙ୍କ ସହ ଅନ୍ୟମାନେ।

**ବଇଣ୍ଡା, ୨୧।୧୨ (ପରିକ୍ଷିତ ସାହୁ)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଅନୁଗୋଳ ଜିଲା କିଶୋରନଗର ଯୁକ୍ତ ୩ ମହାବିଦ୍ୟାଳୟଠାରେ ନଗର ସମ୍ମିଳନୀ ଅନୁଷ୍ଠିତ ହୋଯାଇଛି। ଏଥିରେ ଏବିଭିପିର ଲକ୍ଷ୍ୟ ଓ ଆଦର୍ଶ ସମ୍ପର୍କରେ ଅନୁଗୋଳ ଜିଲା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉମେଶ ବାଘ ଅଭିଭାଷଣ ରଖିଥିଲେ। ମୁଖ୍ୟ ଅତିଥି ଭାବେ ସରୋଜ କୁମାର ସାହୁ ଉପସ୍ଥିତ ଥିଲେ। ନଗର ସଭାପତି ଭାବେ ଜୟକୃଷ୍ଣ ପ୍ରଧାନ, ଉପସଭାପତି ଭାବେ ପୁରୁଷୋତ୍ତମ ପ୍ରଧାନ ଏବଂ ନଗର ସମ୍ପାଦକ ଭାବେ ସୌମ୍ୟଞ୍ଜନ ବେହେରା, ନଗର ସହସମ୍ପାଦକ ବବୁଲ ସ୍ୱାଇଁ, ଦେବେନ୍ଦ୍ର ପାଣ୍ଡେ, ପ୍ରକାଶ ନାୟକ, ସ୍ୱାଗତ ସେଠୀ, ଶକ୍ତି ପ୍ରସାଦ ସାହୁ, କ୍ରୀଡ଼ା ସଂଯୋଜକ ଭାବେ ରୋଜାଲିନ ଦେହୁରୀ, ପ୍ରତୀକ୍ଷା ସାହୁ, ବିଦୁସ୍ମିତା ବିଶ୍ୱାଳ, କରିସ୍ମା ବେହେରା, ପ୍ରଜ୍ଞା ପରିମିତ ବେହେରା, କପିଳେଶ୍ୱର ନାହାକ, ବିକାଶ କାନ୍ଧିଆ, ଲିପ୍ସା ପ୍ରଧାନ, ଆର୍‌କେଏମ ସଂଯୋଜକ ଭାବେ ଅପାରଜିତା ପ୍ରଧାନ, ତନୁଶ୍ରୀ ଭୋଇ, ପ୍ରୀତିସ୍ମିତା ପ୍ରଧାନ, ରୁପାଲୀ ମାଝୀ, ଏସ୍‌ଏଫ୍‌ଏସ୍ ସଂଯୋଜକ ଭାବେ ରୁନୁ ସାହୁ, ସଙ୍ଗିନୀ ସାହୁ, ବିନୋଦ ପ୍ରଧାନ, ଚନ୍ଦନ ପ୍ରଧାନ, ଲୋକନାଥ ପ୍ରଧାନ, ଅଶୋକ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ପାଠ୍ୟଚକ୍ର ସଂଯୋଜକ ଭାବେ ବାଦଲ ସାହୁ, ଭେଙ୍କଟେଶ୍ୱରୀ ପ୍ରଧାନ, ସିଜନ ପ୍ରଧାନ, ବିଶ୍ୱଜିତ ପ୍ରଧାନ, ଆଭାଲିନ ପ୍ରଧାନ, କରିସ୍ମା ପ୍ରଧାନ, ଅନୁଗୋଳ ଜିଲା ରାଜ୍ୟକାର୍ଯ୍ୟ କାରିଣୀ ସଦସ୍ୟ ଉମେଶ ବାଘ ଯୋଗ ଦେଇଥିଲେ। ମାଧପୁର ସତ୍ୟବାଦୀ +୨ ବିଦ୍ୟାଳୟର ସମ୍ପାଦକ ସଂଗ୍ରାମ କର୍ଣ୍ଣ ଉପସ୍ଥିତ ଥିଲେ।

# ଲକ୍ଷ୍ମୀ ପୂଜା କମିଟି ବୈଠକ

**ବଇଣ୍ଡା,୨୧।୧୨ (ପରିକ୍ଷିତ ସାହୁ)**

କିଶୋରନଗର କଲେଜ ଛକ ଲକ୍ଷ୍ମୀ ପୂଜା କମିଟିର ଏକ ବୈଠକ ଶନିବାର ବନ୍ଧୁପାଲି ପୋଖରୀ ନିକଟସ୍ଥ ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ସୁଜିତ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମସ୍ତ ସଦସ୍ୟ ଉପସ୍ଥିତ ରହି କମିଟିର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଏକଜୁଟ ହୋଇ କାମ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ରଞ୍ଜନ ସାହୁ, ସମ୍ପାଦକ ଭାବେ ଚନ୍ଦନ ସ୍ୱାଇଁ, କୋଷାଧକ୍ଷ ଭାବେ ରତ୍ନାକର ପ୍ରଧାନ, ଉପସଭାପତି ଭାବେ ଆଲୋକ ପ୍ରଧାନଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଏଥିସହ ପ୍ରତି ୧୦ ଜଣ ସଭ୍ୟଙ୍କ ମଧ୍ୟରେ ଜଣେ ସକ୍ରିୟ ସଭ୍ୟଙ୍କୁ ମନୋନୀତ କରାଯାଇଥିଲା। ପୂର୍ବତନ ସଭାପତି ସରୋଜ ବିଶ୍ୱାଳ, ସମ୍ପାଦକ ଗଙ୍ଗାଧର ମାଝୀ, ପବିତ୍ର ଦେହୁରୀ, ତ୍ରିନାଥ ସାହୁ, ନବୀନ ସାହୁ, ଭଗିରଥୀ ଭୋଇ, ଲିପନ ସାହୁ, ଅନିରୁଦ୍ଧ ବିଶ୍ୱାଳ, ବାପୁନ ରାଉଳ, ନିଳୟ ପ୍ରଧାନ, ରାଜେନ୍ଦ୍ର ରାଉଳ,ସଞ୍ଜୟ ଦାଶ, ଋିନାରାୟଣ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।


ଲକ୍ଷ୍ମୀ ପୂଜା କମିଟି ବୈଠକରେ କର୍ମକର୍ତ୍ତାମାନେ।

# ସଦସ୍ୟତା ଅଭିଯାନ ଉପରେ ଆଲୋଚନା

**ଅନୁଗୋଳ,୨୧।୧୨ (ଜ୍ୟୋତିରଞ୍ଜନ ସାହୁ)**

ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଅନୁଗୋଳ ସଦର ମହକୁମା ଠାରେ ୪ଗୋଟି ନିର୍ବାଚନମଣ୍ଡଳୀ ଅନୁଗୋଳ, ତାଳଚେର, ଛେଣ୍ଡିପଦା ଓ ଆଠମଲ୍ଲିକରେ ସଦସ୍ୟତା ଅଭିଯାନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ରାଜ୍ୟ ବିଜେଡି ସଦସ୍ୟତା ଅଭିଯାନ ଆବାହକ ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବରିଷ୍ଠ ନେତା ବିଜୟ ନାୟକ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ରାଜ୍ୟ ବିଜେଡି ଆବାହକ ଦୀପକ ମହାପାତ୍ର, ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ ପ୍ରଧାନ, ଅରୁଣାଭ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ଆସନ୍ତା ୨୬ ତାରିଖରେ ଦଳର ୨୮ତମ ପ୍ରତିଷ୍ଠା ଦିବସ ପ୍ରତି ନିର୍ବାଚନମଣ୍ଡଳୀରେ ପାଳନ ହେବା ନେଇ ଆଲୋଚନା ହୋଇଥିଲା। ବିଭିନ୍ନ ବ୍ଲକର ବିଜେଡି ସଭାପତି, ବ୍ଲକ ଅଧକ୍ଷ, ଜିଲାପରିଷଦ ସଦସ୍ୟ, ଡିଜିଟାଲ ସଦସ୍ୟତା ଅଭିଯାନ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ବିଜେଡି ନେତୃବୃନ୍ଦ।

# ବିଦ୍ୟାଳୟରୁ ଅଜଗର ଉଦ୍ଧାର



ବଇଣ୍ଡା,୨୧।୧୨(ପରିକ୍ଷିତ ସାହୁ)- କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ଧରଣୀଧର ପବ୍ଲିକ ସ୍କୁଲରୁ ଶନିବାର ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ସାପଟି ବିଦ୍ୟାଳୟରେ ପଶୁଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ଦେଖି ଛାତ୍ରୀଛାତ୍ରଙ୍କୁ ନିରାପଦ ସ୍ଥାନକୁ ନେଇଯାଇଥିଲେ। ପରେ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦିଆଯାଇଥିଲା। ଖବରପାଇ ସିଦ୍ଧେଶ୍ୱର ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପଟିକୁ ଉଦ୍ଧାର କରିବା ସହ ହଣ୍ଡପା ବନ ବିଭାଗ ଜରିଆରେ ଜଙ୍ଗଲରେ ଛାଡ଼ି ଦେଇଥିଲେ।

# ସାପ୍ତାହିକ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଅନୁଗୋଳ,୨୧।୧୨(ଜ୍ୟୋତିରଞ୍ଜନସାହୁ):**

ଅନୁଗୋଳ ସାନ୍ଧ୍ୟ ଉଚ୍ଚମାଧମିକ ବିଦ୍ୟାଳୟ ପରିସରରେ ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ସପ୍ତାହ ବ୍ୟାପୀ ଚାଲିଥିବା ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନ ଅଧକ୍ଷ ପ୍ରଶାନ୍ତ କୁମାର ମାଝିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଫିଟ୍ ଇଣ୍ଡିଆର ମୂଳଲକ୍ଷ୍ୟ ହାସଲ ପାଇଁ ବିଦ୍ୟାର୍ଥୀ, କର୍ମଚାରୀ ସମସ୍ତେ ମିଳିତ ଭାବେ ଉଦ୍ୟମ କଲେ ସକ୍ଷମ ଭାରତ ସହିତ ସମସ୍ତେ ସୁସ୍ଥ ଜୀବନଯାପନ କରି ଦେଶର ସାମୂହିକ ଉନ୍ନତି ସାଧନ କରିପାରିବେ। ଅନୁଷ୍ଠାନର ନ୍ୟାୟୋଚିତ ଅସୁବିଧାର ସମାଧାନ ପାଇଁ ବ୍ୟକ୍ତିଗତ ସ୍ତରରେ କିମ୍ବା ସରକାରଙ୍କ ସ୍ତରରେ ଉଦ୍ୟମ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଅନୁଷ୍ଠାନର ପ୍ରାକ୍ତନ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା ବିଦ୍ୟାର୍ଥୀ ସଂଖ୍ୟା ବୃଦ୍ଧିପାଉଥିବାରୁ ଭୂମି ଯୋଗାଇବା ଓ ନୂତନ ଶ୍ରେଣୀଗୃହ ନିର୍ମାଣପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନୁଷ୍ଠାନର ପ୍ରାକ୍ତନ ସଭାପତି ଡାକ୍ତର ସତ୍ୟନାରାୟଣ ସିଂହ ସାମନ୍ତ, କୋଷାଧକ୍ଷ ରଞ୍ଜନ କୁମାର ବେହେରା, ସଦସ୍ୟ ଅରୁଣ କୁମାର ପଶୁପାଳକ, ଅଧିବକ୍ତା ପ୍ରଦୀପ କୁମାର ଦେବତା, ଅଭିଷେକ ପ୍ରଧାନ ପମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଫିଟ୍ ଇଣ୍ଡିଆ ନିମନ୍ତେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ପ୍ରମାଣପତ୍ର, ଟ୍ରଫି ପ୍ରଦାନ କରି ଉତ୍ସାହିତ କରାଯାଇଥଲା। ଏଥିରେ ଅଧ୍ୟାପିକା, ଅଧ୍ୟାପକ, ତୃତୀୟ ଓ ଚତୁର୍ଥଶ୍ରେଣୀ କର୍ମଚାରୀ ସହଯୋଗ କରିଥିବା ବେଳେ ଶେଷରେ ମଞ୍ଚ ପରିଚାଳକ ଅଧ୍ୟାପକ ଅନୀଲ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଅନୁଗୋଳ ସାନ୍ଧ୍ୟ ଉଚ୍ଚମାଧମିକ ବିଦ୍ୟାଳୟ ପରିସରରେ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଅତିଥିମାନେ।

## ବଦଳିଲେ ଗଁଦିଆ ଥାନା ଅଧିକାରୀ

ଢେଙ୍କାନାଳ,(ରତନ ନାୟାର): ଗଁଦିଆ ଥାନା ଅଧିକାରୀ ଇନ୍ସପେକ୍ଟର ସଲିଳ କୁମାର ପ୍ରଧାନଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ ଭାପୁର ଫାଣ୍ଡି ଅଧିକାରୀ ଏସ୍ଆଇ ଶାନ୍ତନୁ ପ୍ରଧାନଙ୍କୁ ଗଁଦିଆ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି । ସେହିପରି ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ଏସ୍ଆଇ ପ୍ରଦୀପ ରଞ୍ଜନ ପାତ୍ରଙ୍କୁ ଭାପୁର ଫାଣ୍ଡି ଅଧିକାରୀ ଭାବେ ବଦଳି କରାଯାଇଛି । ଟାଉନ ଥାନା ଏସ୍ଆଇ ଘନିଷ୍ଠ କୁମାର ମହନ୍ତଙ୍କୁ ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ଭାବେ ବଦଳି କରାଯାଇଥିବା ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ରଙ୍କ ସୂଚନାରୁ ଜଣାପଡିଛି ।

# ବିକାଶଠାରୁ ବହୁ ଦୂରରେ ବାଲିଡୈଲା





ପରଜଙ୍ଗ, ୨୧।୧୨(ନିଗମାନନ୍ଦ ଦଳବେହେରା)

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ସ୍ୱାଧିନତାର ସାତ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଅନେକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ଆଜି ପର୍ଯ୍ୟନ୍ତ ବିକାଶ ପହଞ୍ଚି ପାରିନାହିଁ । ବହୁ ଅର୍ଥ ବିନିଯୋଗ କରାଯାଉଥିଲେ ହେଁ ସରକାରୀ ବାବୁମାନଙ୍କ ଉଦାସୀନତା ମନୋଭାବ ଯୋଗୁଁ ଠିକ ଢଙ୍ଗରେ ବିକାଶ ହୋଇପାରୁନାହିଁ । ପରଜଙ୍ଗ ବ୍ଲକ ପଥରଖୁମ୍ବ ପଞ୍ଚାୟତ କାମର୍ଦା ଗ୍ରାମ ବାଲିଡୈଲା ପାହାଡ଼ ପାଦଦେଶରେ ଦୀର୍ଘ ବର୍ଷ ହେବ ୬୩ ପରିବାର ମୁଣ୍ଡା ଓ କୋହ୍ଲ ସମ୍ପ୍ରଦାୟର ଲୋକ ବସବାସ କରିଆସୁଛନ୍ତି । ଉକ୍ତ କୋହ୍ଲସାହିଠାରୁ ପଥରଖୁମ୍ବ ପଞ୍ଚାୟତ କାର୍ଯ୍ୟାଳୟ ପାଖାପାଖି ୧୨ କିଲୋମିଟର ଦୂର ହେଉଥିବା ବେଳେ ମୁଖ୍ୟ ଗ୍ରାମ କୁହାଯାଉଥିବା କାମର୍ଦା ୨.୫ କିଲୋମିଟର ଦୂରରେ ଅବସ୍ଥିତ । କାମର୍ଦା ଗ୍ରାମଠାରୁ ସାହିକୁ ଗମନାଗମନ ପାଇଁ ବାଲିଡୈଲା ପାହାଡ଼ ଘେରା ଘଞ୍ଚ ଜଙ୍ଗଲ ଭିତରେ ଏକ ମାଟି, ଗୋଡ଼ି ରାସ୍ତା ହିଁ ଏକମାତ୍ର ଭରସା । ଅନ୍ୟ ଏକ ଖାଲଢିପ ରାସ୍ତା ସାଙ୍ଗକୁ ଜୋର ନାଳରେ ପୋଲ ନ ଥିବା ଯୋଗୁଁ ବର୍ଷା ହେଲେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ । ସେହିପରି ସାହିରେ ପ୍ରଥମ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟରେ ଶିକ୍ଷାଦାନର ବ୍ୟବସ୍ଥା ଥିବା ବେଳେ ଅଧିକ ପାଠ ପାଇଁ ମୁଖ୍ୟ ଗ୍ରାମ କାମର୍ଦା ଉପରେ ନିର୍ଭର କରିଥାନ୍ତି । ସାହିରେ ଥିବା ବିଦ୍ୟାଳୟର ପାଚେରି ଆଜି ପର୍ଯ୍ୟନ୍ତ ମଧ୍ୟ ନିର୍ମାଣ କରାଯାଇ ନାହିଁ । ଛାତ୍ରୀଛାତ୍ରମାନଙ୍କ ପାଇଁ ନିର୍ମାଣ ହୋଇଥିବା ଶୌଚାଳୟଗୁଡ଼ିକ ବ୍ୟବହାର ଉପଯୋଗ୍ୟ ହୋଇନାହିଁ । ସେହିପରି ୨.୫ କିଲୋମିଟର ଦୂରରେ ଅବସ୍ଥିତ ଉଚ୍ଚ ବିଦ୍ୟାଳୟକୁ ଘଞ୍ଚ ଜଙ୍ଗଲଭରା ରାସ୍ତାରେ ଯିବା ଆସିବା ନିମନ୍ତେ ଛାତ୍ରୀଛାତ୍ର ଓ ଅଭିଭାବକ ସୁରକ୍ଷିତ ମନେ କରୁନାହାଁନ୍ତି । କିଛି ଛାତ୍ରୀଛାତ୍ର ଅର୍ଥ ଅଭାବରୁ ଅଧା ପାଠ ପଢ଼ି ଡୋରି ବାନ୍ଧିଦେଉଛନ୍ତି । ଗମନାଗମନ ଅପହଞ୍ଚ ଯୋଗୁଁ ଆମ୍ବୁଲାନ୍ସ ସାହିରେ ପହଞ୍ଚି ପାରେନାହିଁ । ରୋଗୀଙ୍କୁ ଖଟିଆ କିମ୍ବା ସାଇକେଲ, ମୋଟରସାଇକେଲ ଯୋଗେ ମୁଖ୍ୟ ଗ୍ରାମ କାମର୍ଦା ପର୍ଯ୍ୟନ୍ତ ଆସିବା ପରେ ଆମ୍ବୁଲାନ୍ସ ସେବା ମିଳିଥାଏ । ପ୍ରତ୍ୟେକ ପରିବାରକୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସରକାର କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୋହ୍ଲ ସାହିକୁ ଠିକ ସମୟରେ ପହଞ୍ଚି ପାରୁନାହିଁ । ପାଇପ ଲାଇନ ବିଛାଇଥିଲେ ମଧ୍ୟ ସାମୂହିକ ଭାବେ ଦୁଇ ତିନୋଟି ସ୍ଥାନରେ ଟ୍ୟାପ ଲାଗିଛି । ଫଳରେ ଆସୁଥିବା ନିର୍ଦ୍ଦିଷ୍ଟ ସମୟରେ ପରିବାର ଅନୁଯାୟୀ ଆବଶ୍ୟକତାଠାରୁ କମ ପାନୀୟ ଜଳ ଯୋଗାଣ ହେଉଥିବାବେଳେ ଦୁଇ ତିନି ଦିନରେ ଗୋଟିଏ ଥର ଜଳ ଯୋଗାଣ ବ୍ୟବସ୍ଥା ହେଉଛି ବୋଲି ସାହି ବାସିନ୍ଦା ଅଭିଯୋଗ କରିଛନ୍ତି । ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ପାଇଁ ଚୂଡାନ୍ତ ପର୍ଯ୍ୟାୟରେ ତାଲିକା ପ୍ରସ୍ତୁତ ହୋଇ ହିତାଧିକାରୀଙ୍କ ଜମାଖାତାକୁ ପର୍ଯ୍ୟାୟ କ୍ରମେ ଟଙ୍କା ପଠାଯାଇଥିବା ବେଳେ ସାହିରେ ଅନେକ ଯୋଗ୍ୟ ହିତାଧିକାରୀ ଚୟନ ପ୍ରକିୟାରୁ ବାଦ ପଡିଛନ୍ତି । ସେହିପରି ସାହିକୁ ବିଦ୍ୟୁତ ଯୋଗାଣ ହୋଇଥିଲେ ବି ସନ୍ଧ୍ୟାରେ କମ ଭୋଲ୍‌ଟେଜ ଯୋଗୁଁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି । ତେଣୁ ସରକାର ଆମ କଥା ଶୁଣନ୍ତୁ ଏବଂ ଆମ ସାହିକୁ ଗମନାଗମନ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଓ ସ୍ୱାସ୍ଥ୍ୟସେବା ନିମନ୍ତେ ସହାୟକ ହୁଅନ୍ତୁ ବୋଲି ସାହିବାସୀ ନିବେଦନ କରିଛନ୍ତି ।

## ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା




କାମାକ୍ଷାନଗର, ୨୧।୧୨ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱତନ୍ତ୍ର, ସର୍ବ କନିଷ୍ଠ, କନିଷ୍ଠ, ବରିଷ୍ଠ ଆଦି ବର୍ଗରେ ସମୁଦାୟ ୭୫ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଥାନା ଅଧିକାରୀ ଧିରେନ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପ୍ରଶାସକ ଜ୍ୟୋତି ରଂଜନ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଯୋଜିକା ସ୍ୱାଗତିକା ମହାପାତ୍ର, ଆଧକ୍ଷ ସୁରେଶ କୁମାର ଦାଶ କ୍ରୀଡା ଶିକ୍ଷକ ସ୍ମୃତିରଞ୍ଜନ ସାହୁ ଓ ବିଜୟ କୁମାର ରାଉଳ ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ ।

## ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ




ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ପୁରସ୍କୃତ ଛାତ୍ର ।

ଢେଙ୍କାନାଳ,୨୧।୧୨(ରତନ ନାୟାର): ଢେଙ୍କାନାଳ ସୌଦାମିନୀ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀ ଗୃହରେ ଶନିବାର ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ଅଧିନରେ ଥିବା ଶିକ୍ଷକ, ଶିକ୍ଷା ଏବଂ ରାଜ୍ୟ ଶୈକ୍ଷିକ ଗବେଷଣା ଓ ତାଲିମ ପରିଷଦ ଓଡିଶା ଭୁବନଶ୍ୱରଙ୍କ ସହଯୋଗରେ ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଟଳ ବିହାରୀ ଦାସ କହିଲେ ଯେ, ପିଲାଙ୍କ ମଧ୍ୟରେ ଥିବା ଅର୍ନ୍ତନିହିତ ପ୍ରତିଭା, ଚିନ୍ତନ, ସୃଜନଶୀଳତା, ନେତୃତ୍ୱ ନେବାର ସମ୍ଭାବନା ସୃଷ୍ଟି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ରାଜନୀତି ବିଜ୍ଞାନର ଜ୍ଞାନ ଗଣତନ୍ତ୍ରକୁ ସୁଦୃଢ କରିବା ସହିତ ଦେଶର ସର୍ବାଙ୍ଗୀନ ପ୍ରଗତୀର ବାର୍ତ୍ତାବହ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ଶିକ୍ଷାବିତ୍ ଡ. ଦେବୀ ପ୍ରସାଦ ମିଶ୍ର, ସମାଜକୁ ସୂକ୍ଷ୍ମ ଭାବରେ ନିରୀକ୍ଷଣ ସହ ରାଜନୀତି ବିଜ୍ଞାନକୁ ଅଧ୍ୟୟନ କରି ଏହାର ଉପଯୁକ୍ତ ପ୍ରୟୋଗ କଲେ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ସମ୍ଭବ ବୋଲି ମତ ଦେଇଥିଲେ । ଲୋକସଭାରେ ଦର୍ଶକ ଗ୍ୟାଲେରୀରୁ ଲମ୍ଫ ପ୍ରଦାନ କରି ରଙ୍ଗୀନ ଗ୍ୟାସ୍ ନିର୍ଗମନ ସମ୍ପର୍କରେ ବିରୋଧୀ ଓ ଶାସକ ଦଳ ଏମ୍‌ପିଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଓ ତତ୍‌ଜନିତ ହଟଗୋଳ, ସଂସଦ ଭବନ ବାହାରେ ଉପ ରାଷ୍ଟ୍ରପତିଙ୍କ ସମ୍ପର୍କରେ ବ୍ୟଙ୍ଗ ପ୍ରଦର୍ଶନ ଯୋଗୁ ବିରୋଧୀ ସାଂସଦ ନିଲମ୍ବନ, ନିକଟରେ ଏମ୍‌ପି ପ୍ରତାପ ଷଡଙ୍ଗୀ ପଡିଯାଇ ଆହତ ହେବା କାରଣରୁ ଏମ୍‌ପି ରାହୁଲ ଗାନ୍ଧୀଙ୍କୁ ଦାୟୀକରି ଆରୋପ ପ୍ରତ୍ୟାରୋପ ଏବଂ ନୂତନ ବିଲ୍ ଏକ ଦେଶ ଓ ଏକ ନିର୍ବାଚନ ସମ୍ପର୍କରେ ବଳିଷ୍ଠ ବିତର୍କ କାରଣରୁ ଉଚ୍ଚସ୍ୱରରେ ବୟାନବାଜି ଆଦି ଛାୟା ସଂସଦର ପ୍ରଦର୍ଶିତ ହୋଇ ବେଶ ଉପଭୋଗ୍ୟ ହୋଇପାରିଥିଲା । ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୯ମ, ୧୦ମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରମାନଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ, ଅଧାପିକା ଅଧାପକ ଓ ଅଭିଭାବକମାନେ ଯୋଗ ଦେଇଥିଲେ । ଯୁବ ସଂସଦର କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦିଆଯାଇଥିଲା । ଓଡିଶା ଆଦର୍ଶ ବିଦ୍ୟାଳୟ ବିଶ୍ୱନାଥପୁରର ୧୦ମ ଶ୍ରେଣୀ ଛାତ୍ର ରୋଶନ କୁମାର ସାହୁ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ପ୍ରଥମସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ରାଜ୍ୟରେ ଅନୁଷ୍ଠିତ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ଯୁବ ସଂସଦ ପାଇଁ ସେ ମନୋନିତ ହୋଇଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର ଶାନ୍ତିପାଠ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ସସ୍ମିତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ରୋଟାରି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ଅନୁଗୋଳ,୨୧।୧୨(ମାନସ ବିଶ୍ୱାଳ)

ଅନୁଗୋଳ ସହର ବିଜୁ ମଇଦାନ ନିକଟସ୍ଥ ରୋଟାରି ପବ୍ଲିକ ସ୍କୁଲର ୫୧ ତମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ଡ.ସୁରେଶ ଚନ୍ଦ୍ର ଦଳାଇ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ବାର୍ଷିକ ଉତ୍ସବ ଛାତ୍ରୀଛାତ୍ରମାନଙ୍କର ପ୍ରତିଭା ପ୍ରଦର୍ଶନ କରିବାର ଏକ ଶ୍ରେଷ୍ଠ ମଞ୍ଚ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ । ରୋଟାରି ପବ୍ଲିକ ସ୍କୁଲ ଚେୟାରମ୍ୟାନ ନିର୍ମଳ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ଉପାଧ୍ୟକ୍ଷ ମନୋରଞ୍ଜନ ପଣ୍ଡା ଓ କଳ୍ପଲତା ଦାସ ପରିଚାଳନା କରିଥିଲେ । ସମ୍ମାନିତ ଅତିଥି ଭାବେ ଲେଖକ ଦୀନେଶ ଦାସ, ଏସ୍‌ସିଡିସି (ଭୁବନେଶ୍ୱର) ଚେୟାରମେନ ବନମାଳି ସାହୁ, ସ୍କୁଲ ଅଧ୍ୟକ୍ଷ ଅଶୋକ କୁମାର ବେହେରା ଯୋଗଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଅଭିଭାବକ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଆୟୁର୍ବେଦ ମାଗଣା ସ୍ୱାସ୍ଥ୍ୟ ଶିବିର

ଢେଙ୍କାନାଳ,୨୧।୧୨(ରତନ ନାୟାର)

ଢେଙ୍କାନାଳ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରଦ୍ଧା ଫାଉଣ୍ଡେଶନ ଆନୁକୂଲ୍ୟରେ ମା' ଆୟୁର୍ବେଦ ରୋଗମୁକ୍ତ ହୋଲିଷ୍ଟିକ୍ ହେଲ୍‌ଥ କେୟାର ସେଣ୍ଟରର ପ୍ରଥମ ବର୍ଷପୂର୍ତ୍ତିଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ମ୍ୟୁନିସିପାଲିଟି ଅଫିସ୍ ନିକଟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଶିବିରକୁ ପୌରାଧକ୍ଷା ଜୟନ୍ତୀ ପାତ୍ର ଉଦ୍‌ଘାଟନ କରିବା ସହ ଶିବିରରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଡାକ୍ତର ସୁଧାଂଶୁବାଳା ପାଣିଗ୍ରାହୀ ଓ ଡାକ୍ତର କାଳୀପ୍ରସାଦ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଡାକ୍ତର ଓମ୍ ପ୍ରକାଶ ବରାଳ, ଡା. ଶ୍ୱେତା ସାଗରିକା, ଡାକ୍ତର ସଗୁପ୍ତା ଫିରଦୋସ୍, ଡା. ସୁଧୀର କୁମାର ସାହୁଙ୍କ ଦ୍ୱାରା ସଂପୂର୍ଣ୍ଣ ଆୟୁର୍ବେଦ ଚିକିତ୍ସା ମାଧ୍ୟମରେ ରୋଗର ନିରାକରଣ ନିମନ୍ତେ ଆବଶ୍ୟକ ପରାମର୍ଶ ଦେଇଥିଲେ । ଏହି ଶିବିରରେ ମୋଟ୍ ୧୦୦ ଜଣ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । କୋଲେଷ୍ଟରେଲ୍, ଉଚ୍ଚ ରକ୍ତଚାପ, ଡାଇବେଟିସ୍, ଇସିଜି, ଥାଇରଏଡ, ଲିପିଡ୍ ପ୍ରୋଫାଇଲ୍, କିଡ୍‌ନୀ ଫଙ୍କସନ୍ ଟେଷ୍ଟ, ହିମୋଗ୍ଲୋବିନ୍, ଇଏସ୍ଆର, ଏଏସ୍ଓ ଇତ୍ୟାଦିର ପରୀକ୍ଷା କରାଯାଇଥିଲା । ଶିବିରକୁ ଶ୍ରଦ୍ଧା ଫାଉଣ୍ଡେଶନ୍‌ର ଉପଦେଷ୍ଟା ବଦ୍ରିନାଥ ଜେନା, ସଂଯୋଜିକା ଦୀପିକା ଜେନା, ଉପଦେଷ୍ଟା ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ସୁଭଦ୍ରା ବେହେରା, ରଞ୍ଜିତାରାଣୀ ନନ୍ଦ, ପ୍ରଜ୍ଞା ପରମିତା, ଶୁଭ୍ରାଂଶୁ ଶେଖର ଦାସ, ବିଶ୍ୱବିଜେତା ନନ୍ଦ, ଗୀତାଞ୍ଜଳି ଦାସ, ଲିପା ପତି, ପ୍ରଶାନ୍ତ କୁମାର ପତି, ସନ୍ଦୀପ ପ୍ରସାଦ ଦାସ, ମନୋଜ କୁମାର ସିଂ, ରିଙ୍କି ବର, ସୁଜାତା ବେହେରା ଓ ସ୍ୱର୍ଣ୍ଣଲତା ପ୍ରମୁଖ ପରିଚାଳନା କରିଥିଲେ ।




ଆୟୁର୍ବେଦ ମାଗଣା ସ୍ୱାସ୍ଥ୍ୟ ଶିବିର ।

## ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଓଡ଼ାପଡ଼ା,୨୧।୧୨(ରଞ୍ଜିତ ନାୟକ)

ହିନ୍ଦୋଳ ବ୍ଲକ ବେରଅାଁପାଳ କ୍ଲଷ୍ଟରସ୍ଥିତ ଖାଡ଼ବନ୍ଧ ନୋଡାଲ ସରକାରୀ ଉପ୍ରା ସ୍କୁଲରେ ବାର୍ଷିକ କ୍ରୀଡାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସହକାରୀ ଶିକ୍ଷା ଅଧିକାରୀ ଦୀପ୍ତିକୃଷ୍ଣ ସାହୁ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଗାଲପଡ଼ା ସରପଞ୍ଚ ନର୍ମଦା ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେନ୍ଦ୍ର ସାହୁ, କ୍ଲଷ୍ଟର ବରିଷ୍ଠ ପ୍ରଧାନ ଶିକ୍ଷକ ଅଶୋକ କୁମାର ପାଣିଗ୍ରାହୀ, ଲୋକେଶ ସାହୁ, ବାଉରୀବନ୍ଧୁ ସାହୁ, ବିନୋଦିନୀ ସାହୁ, ନିଗମାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ସନାତନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ରସାନନ୍ଦ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ । କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଶିକ୍ଷକ ଜ୍ଞାନରଞ୍ଜନ ପତି, କୁନି ନାୟକ, ପୁଷ୍ପିତା ବେହେରା, ବିଷ୍ଣୁପ୍ରିୟା ସାହୁ, ବରୁଣ କୁମାର ସାହୁ, ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

## ଜିଲାସ୍ତରୀୟ ମୋ ଢେଙ୍କାନାଳ ମହୋତ୍ସବ ଉଦ୍‌ଯାପିତ




ଜିଲାସ୍ତରୀୟ ମୋ ଢେଙ୍କାନାଳ ମହୋତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

ଢେଙ୍କାନାଳ,୨୧।୧୨(ରତନ ନାୟାର)

ଢେଙ୍କାନାଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁରୁଦେବଜୀ ଫାଉଣ୍ଡେଶନ ଓ ମୋ ଢେଙ୍କାନାଳ ଚ୍ୟାନେଲ ପକ୍ଷରୁ ଷଷ୍ଠ ପ୍ରତିଷ୍ଠା ଦିବସ ଉପଲକ୍ଷେ ସହରସ୍ଥିତ ପୁରୁଣା ଜିଲା ପରିଷଦଠାରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଜିଲାସ୍ତରୀୟ ମୋ ଢେଙ୍କାନାଳ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଉଦଯାପନ ଉତ୍ସବରେ ପୂର୍ବତନ ମହେଶ ସାହୁ ମୁଖ୍ୟ ଅତିଥି, ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠି ଓ ସମାଜସେବୀ ସୌମେନ୍ଦ୍ର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅନୁଷ୍ଠାନର ବାର୍ଷିକ ପତ୍ରିକା 'ମୋ ପ୍ରତିଭା ମୋ ପରିଚୟ' ଉନ୍ମୋଚିତ ହୋଇଥିଲା । ଚଳିତବର୍ଷ ଅନୁଷ୍ଠାନ ପକ୍ଷରୁ ସେବା କ୍ଷେତ୍ରରେ ରାଜ କିଶୋର ବେହେରା, ସଂଗଠନ କ୍ଷେତ୍ରରେ ବିଭୂତି ଭୂଷଣ ପଟ୍ଟନାୟକ, ସଙ୍ଗୀତରେ ଗଣେଶ ମିଶ୍ର, ନୃତ୍ୟରେ ଅର୍ପିତା ମିଶ୍ର, ନାଟକରେ ବିଜୟ ମିଶ୍ର, ଚିତ୍ରକଳାରେ ବିଜୟ ସ୍ୱାଇଁ, ଫିଲ୍ମ ଏଡିଟିଙ୍ଗରେ ପ୍ରଜ୍ଞା ପ୍ରିୟଦର୍ଶନ, ମଡେଲିଂରେ ଅଙ୍କିତା ପରିଡା, ସତ୍ୱପ୍ରଭା ମହାନ୍ତି ଓ ଆକାଂକ୍ଷା ପ୍ରିୟଦର୍ଶିନୀ ସମ୍ବର୍ଦ୍ଧିତ ହୋଇଥିଲେ । ଶ୍ରେଷ୍ଠ ଇଂରାଜୀ ବିଦ୍ୟାଳୟ ଭାବେ ଡିଏଭି ସ୍କୁଲକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ଇଂ. ସୌମ୍ୟବ୍ରତ ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶତୃଘ୍ନ ମାଟି, ବିଜୟ କୁମାର ମିଶ୍ର, ମମତା ମହନ୍ତ, ଅର୍ପିତା ମିଶ୍ର, ସ୍ୱପ୍ନା ମୁଦୁଲି, ବିଟୁ ଦେହୁରୀ, ପ୍ରୀତିସ୍ୱରୁପା ଦାସ, ଆୟୁଷୀ ମିଶ୍ର, ଇନ୍ଦ୍ରଜିତ୍ ସାହୁ, ପ୍ରତାପ ନାୟକ, ସୌଭାଗ୍ୟ ବରାଳ, ବିଶାଳ ଦାସ, କାହ୍ନାଜୀ ମହାରଣା, ସରଗମ ସାହୁ, ସତ୍ୟଜିତ ଦଳେଇ ପ୍ରମୁଖ ସହଯୋଗ କରିଥିଲେ । ଦିପ୍ତୀବାଳା ମିଶ୍ର ଧନ୍ୟବାଦ ଦେଇଥିଲେ । ଚନ୍ଦନ ନାୟକ ମଞ୍ଚ ପରିଚାଳନା କରିଥିଲେ ।

## ବିଧାୟକଙ୍କ ଦ୍ୱାରା ପୋଷାକ ବଣ୍ଟନ



ବଅାଁରପାଳ,୨୧।୧୨(ସୁବାସ ସାହୁ)

ଅନୁଗୋଳ ଜିଲା ବଅାଁରପାଳ ବ୍ଲକ ପାଞ୍ଚଗଡ଼ ଅଞ୍ଚଳରେ ଶନିବାର ପ୍ରଥମ କରି ୨ ବିଦ୍ୟାଳୟରେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ପୋଷାକ ବଣ୍ଟନ କରାଯାଇଛି । ବିଧାୟକ ପ୍ରଧାନ ପ୍ରଥମେ ନୂଆହତା ବିଦ୍ୟାଳୟରେ ଯୋଗଦାନ କରିଥିବାବେଳେ ତାଙ୍କ ସହ ସରପଞ୍ଚ ରୁନୁବାଳା ଧୀର, ସମିତିସଭ୍ୟା ଅଞ୍ଜଳି ଦଳବେହେରା, ପ୍ରଧାନ ଶିକ୍ଷକ କମଳାକାନ୍ତ ବିଶ୍ୱାଳ, ଏସ୍‌ଏମ୍‌ସି ସଭାପତି ଦୁଃଶାସନ ଦାସ, ପଞ୍ଚଶାଖା ଶିକ୍ଷାସେତୁ ସଭାପତି ପ୍ରତାପ ରଣା, ସାମାଜିକକର୍ମୀ ଅଶୋକ ଧୀର ଓ ଦିଲୀପ ରାଉତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ବିଧାୟକ ପ୍ରଧାନ ବିଦ୍ୟାଳୟ ଓ ଶିକ୍ଷାକ୍ଷେତ୍ରର ଉନ୍ନତି ଉପରେ ବିଶେଷ ଧ୍ୟାନ ଦେବାକୁ ମତପ୍ରଦାନ କରିଥିଲେ । ଶେଷରେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପୋଷାକକୁ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିଥିଲେ ।

## 'ଧ୍ୟାନ ଜୀବନରେ ମାନସିକ ଶାନ୍ତି ଓ ଶକ୍ତି ଦେଇଥାଏ'

ଢେଙ୍କାନାଳ,୨୧।୧୨(ରତନ ନାୟାର)




ବିଶ୍ୱ ଧ୍ୟାନ ଦିବସ ଉପଲକ୍ଷେ ଶନିବାର ଢେଙ୍କାନାଳ ମିନି ଷ୍ଟାଡିୟମ ପରିସରରେ ଆର୍ଟ ଅଫ୍ ଲିଭିଂ ଢେଙ୍କାନାଳ ଚାପ୍ଟର ପକ୍ଷରୁ ବିଶ୍ୱ ଧ୍ୟାନ ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରାଯାଇଥିଲା । ଏହି ଉପଲକ୍ଷେ ମୁଖ୍ୟ ଅତିଥି ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଯୋଗ ଶିକ୍ଷା ପ୍ରଦାନ କରିବା ସହିତ ବ୍ୟକ୍ତି ଓ ସମାଜ ପରିବର୍ତ୍ତନ କ୍ଷେତ୍ରରେ ଅନେକ ମହତ କାମ କରୁଛି । ତେଣୁ ଢେଙ୍କାନାଳ ଶାଖା ପକ୍ଷରୁ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି । ଆଜି ସାରା ବିଶ୍ୱରେ ଧ୍ୟାନ ଦିବସ ପାଳନ ହେଉଛି । ତେଣୁ ଧ୍ୟାନ କରିବା ଦ୍ୱାରା ମଣିଷ ଜୀବନରେ ଶାନ୍ତି ଓ ଶକ୍ତି ଆସିଥାଏ ବୋଲି ପୌରାଧକ୍ଷା ମତବ୍ୟକ୍ତ କରିଛନ୍ତି । ପରେ ଢେଙ୍କାନାଳ ଶାଖାର ଶିକ୍ଷକ ସମୂହ କୋର୍ଡିନେଟର ସୁଜାତା ମହାନ୍ତି ଆର୍ଟ ଅଫ୍ ଲିଭିଂ ପ୍ରତିଷ୍ଠାର ଇତିହାସ, କାର୍ଯ୍ୟାବଳୀ ଓ ଶ୍ରୀଶ୍ରୀ ରବିଶଙ୍କରଙ୍କ ଜୀବନୀ ଏବଂ ସମାଜ ଓ ବିଶ୍ୱ ପାଇଁ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ବରିଷ୍ଠ ପ୍ରଶିକ୍ଷକ ମନୋରଞ୍ଜନ ମହାନ୍ତି, ଧ୍ୟାନ କରିବା ଦ୍ୱାରା ଜୀବନରେ ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ପରେ ବିଶ୍ୱ ଧ୍ୟାନ ଦିବସ ଅବସରରେ ଶ୍ରୀଶ୍ରୀ ରବିଶଙ୍କରଙ୍କର ସ୍ୱରରେ ସମୂହ ଧ୍ୟାନ ଅଭ୍ୟାସ କରାଯାଇଥିଲା । ବହୁ ସଂଖ୍ୟାରେ ସଦସ୍ୟ ଓ ଜନସାଧାରଣ ଶିବିରରେ ଯୋଗଦେଇ ଧ୍ୟାନ ଅନୁଭବ ନେଇଥିଲେ । ରୋଟାରିଆନ ରାଜ କିଶୋର ବେହେରା ଧ୍ୟାନର ଅନୁଭୂତି ଓ ଅନୁଭବ ବର୍ଣ୍ଣନା କରିଥିଲେ । ରବିଶଙ୍କର ବିଦ୍ୟା ମନ୍ଦିରର ପ୍ରିନ୍ସିପାଲ ଡ. ସୁନିତା ଦେବୀ ବିଦ୍ୟାଳୟ ଏବଂ ଶିକ୍ଷା ପ୍ରଣାଳୀ ସମ୍ପର୍କରେ ନିଜର ମତ ରଖିଥିଲେ । ଆର୍ଟ ଅଫ୍ ଲିଭିଂ ଢେଙ୍କାନାଳ ଚାପ୍ଟର ଶିକ୍ଷକ ପ୍ରଶିକ୍ଷକ କାମାକ୍ଷା ପ୍ରସାଦ ଲେଙ୍କା, ଜି. ଜୟାଲକ୍ଷ୍ମୀ, ପ୍ରଳୟ ଦାସ, ଅଜୟ ପୃଷ୍ଟି, ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବରିଷ୍ଠ ସଦସ୍ୟ ପ୍ରଦୀପ୍ତ କୁମାର ମିଶ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଥିବା ବେଳେ ଫାଇନାନ୍ସ ଫାସିଲିଏଟର କୁମ୍ଭକର୍ଣ୍ଣ ରାଉଳ ଓ ବିଦ୍ୟାଧର ବିଶ୍ୱାଳ ସହାୟତା କରିଥିଲେ । ଅନୁଷ୍ଠାନର ସମସ୍ତ ସଦସ୍ୟା ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଭାଗିତା ବୈଠକ

ଢେଙ୍କାନାଳ,୨୧।୧୨(ରତନ ନାୟାର)




ଢେଙ୍କାନାଳ ସଦର ବ୍ଲକ୍ ମଧୁସାହୁପାଟଣା ପ୍ରାଥମିକ ବିଦ୍ୟାଳୟଠାରେ କାକୁଡିଭାଗ କ୍ଲଷ୍ଟର ଅଧିନସ୍ଥ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଏଫ୍‌ଏଲ୍‌ଏନ୍. ଶିକ୍ଷକମାନଙ୍କର ମାସିକ ସହଭାଗିତା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଏକାଡେମିକ୍ କୋଅର୍ଡିନେଟର ରବିନ୍ ଶତପଥୀ ମୁଖ୍ୟ ଅତିଥି ଓ ଭାପୁର କ୍ଲଷ୍ଟରର ପ୍ରାକ୍ତନ ସିଆର୍‌ସିସି ନୃସିଂହ ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବୈଠକରେ ଡିସେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ବିଦ୍ୟାଳୟର ଭୌତିକ ଓ ଶୈକ୍ଷିକ ବାତାବରଣର ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ, ଶ୍ରେଣୀ ପରିଚାଳନା ସମୟରେ ଶିକ୍ଷକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସୁବିଧା ଅସୁବିଧା, ମାନ ନିର୍ଦ୍ଧାରଣ ଟ୍ରାକର ରେଜିଷ୍ଟର ଲିପିବଦ୍ଧ ଶୈଳୀ, ନମୁନା ପାଠ ଯୋଜନା ପ୍ରସ୍ତୁତି ଓ ଉପସ୍ଥାପନା, ଜାତୀୟ ଶିକ୍ଷାନୀତି ଅନୁଯାୟୀ ଶିକ୍ଷା ବ୍ୟବସ୍ଥାର ରୂପରେଖ ଆଦି ସଂପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ଶିକ୍ଷକ ରଞ୍ଜନ ପଧାନ ମୌଳିକ ସାକ୍ଷରତା ଓ ଶିକ୍ଷୟିତ୍ରୀ ମିନତୀ ଦାସ ଗଣିତ ଉପରେ ପାଠ୍ୟ ଯୋଜନା ପ୍ରସ୍ତୁତ କରି ବୈଠକରେ ଉପସ୍ଥାପନ କରିଥିଲେ । କୋର୍ଡିନେଟର ଭଗ୍ନାଂଶ ବିଷୟବସ୍ତୁ ଆଧାରିତ ଏକ ଆଦର୍ଶ ଶିକ୍ଷଣ କାର୍ଯ୍ୟ ବୈଠକରେ ପ୍ରଦର୍ଶନ କରିଥିଲେ । ସିଆର୍‌ସିସି ଅର୍ଜୁନ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ଶିକ୍ଷକ ଦିଲ୍ଲୀପ ପଣ୍ଡା ସାଧନକର୍ମୀ ଭାବେ ଯୋଗଦେଇ ବୈଠକ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ପ୍ରଦ୍ୟୁମ୍ନ ଦାସ ଓ ମଧୁସାହୁପାଟଣା ଗ୍ରାମବାସୀ ସହଯୋଗ କରିଥିଲେ । ଅନୁରୂପ ଭାବେ ଚନ୍ଦ୍ରଶେଖର ପ୍ରସାଦ କ୍ଲଷ୍ଟରର ସହଭାଗିତା ବୈଠକ ସିଆର୍‌ସିସି ନୃସିଂହ ଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ରଶେଖର ପ୍ରସାଦ ଉପ୍ରା. ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି ।

